## ଭଞ୍ଜସେନାର ମହିଳା ଶାଖା

ବାରିପଦା ଅଫିସ- ମୟୂରଭଞ୍ଜ ଜିଲାର ଅଣରାଜନୈତିକ ତଥା ଅଗ୍ରଣୀ ଛାତ୍ର ଓ ଯୁବ ସଙ୍ଗଠନ ଭଞ୍ଜସେନାର ମହିଳା ଶାଖା ଗଠନ କରାଯାଇଛି। ସଙ୍ଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନକ୍ରମେ ମହିଳା ଶାଖାର ପ୍ରଥମ ସଭାନେତ୍ରୀ ଭାବେ ଇଂ. ଚନ୍ଦନା ଦାସ ଏବଂ ଜିଲା ସଙ୍ଗଠନ ସମ୍ପାଦିକା ଓ ମୁଖପାତ୍ର ଭାବେ ସୁକନ୍ୟା ବାନାର୍ଜୀଙ୍କ ନାମ ଘୋଷଣା କରାଯାଇଛି। ଆଗାମୀ ଦିନରେ ଜିଲାସ୍ତରୀୟ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯିବ ବୋଲି ସଙ୍ଗଠନ ସଂଯୋଜକ ରାକେଶ କୁମାର ବେହେରା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବନ୍ଦ ହେଲା କୁଲଡ଼ିହା ଅଭୟାରଣ୍ୟ




**ସଜନାଗଡ଼, ୩।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡରେ ଅବସ୍ଥିତ ପ୍ରକୃତିର ଗନ୍ତାଘର କୁଲଡ଼ିହା ଅଭୟାରଣ୍ୟ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରାଯାଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ଅଭୟାରଣ୍ୟ ସ୍ଥଳକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି।

### ବିୟୁଟିପାର୍ଲରରୁ ନାବାଳିକା ଉଦ୍ଧାର

**ଖଇରା, ୩।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରାଠାରୁ ଅନତିଦୂରରେ ଥିବା ଏକ ବିୟୁଟିପାର୍ଲରରେ କାମ କରୁଥିବା ଜଣେ ନାବାଳିକାଙ୍କୁ ଖଇରା ଚାଇଲ୍ଡଲାଇନ ଉଦ୍ଧାର କରିଛି। ଖଇରା ଚାଇଲ୍ଡ ଲାଇନର ନିର୍ଦ୍ଦେଶକ ମଦନମୋହନ ବେହେରା ନାବାଳିକା ନିୟୋଜନ ସମ୍ପର୍କରେ ଖବରପାଇ ଖଇରା ପୋଲିସକୁ ଜଣାଇଥିଲେ। ପୋଲିସ ସହାୟତାରେ ଚାଇଲ୍ଡ ଲାଇନର ଟିମ୍ ଲିଡର ତପସ୍ୱିନୀ ରାଉତ, ସଦସ୍ୟ ପଞ୍ଚାନନ ତ୍ରିପାଠୀ, ଜ୍ୟୋତି ପ୍ରକାଶ କର, ଚିତ୍ତରଞ୍ଜନ ପଣ୍ଡା ଓ ସ୍ୱୟଂପ୍ରଭା ଦଳେଇ ପ୍ରମୁଖ ଉକ୍ତ ବିୟୁଟି ପାର୍ଲରରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସହ ବାଲେଶ୍ୱର ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଥିଲେ। ଉକ୍ତ ନାବାଳିକାଙ୍କ ଘର ମୟୂରଭଞ୍ଜ ଜିଲା ଶରତ ଥାନା ଅଞ୍ଚଳରେ।

### ଖଇରାରେ ନୂତନ ତହସିଲଦାର

**ଖଇରା, ୩।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ଅଧୀନ ଖଇରା ତହସିଲର ପୂର୍ବତନ ତହସିଲଦାର ପ୍ରଦୀପ କୁମାର ସାହୁଙ୍କ ପଦୋନ୍ନତି ଏବଂ ବଦଳି ପରେ ତାଙ୍କ ସ୍ଥାନରେ ମହେନ୍ଦ୍ର କୁମାର ବେହେରା ନୂତନ ଭାବେ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ମୟୂରଭଞ୍ଜ ଜିଲା କୁସୁମୀ ତହସିଲରେ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶନ ଧଳଙ୍କ ସହ ସମସ୍ତ କର୍ମଚାରୀ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ପୂର୍ବତନ ତହସିଲଦାର ପ୍ରଦୀପ ସାହୁ ବାଲେଶ୍ୱର ଜିଲାରେ ଡେପୁଟି କଲେକ୍ଟର ଭାବେ ପଦୋନ୍ନତି ପାଇବା ପରେ ଏହି ପଦବୀ ଖାଲି ପଡିଥିଲା। ଶାରୀଶୁଆ ପାହାଡରେ ଚାଲିଥିବା ପଥର ଚୋରାଚାଲାଣକୁ ରୋକିବାକୁ ସେ ପ୍ରାଥମିକତା ଦେବେ ବୋଲି କହିଛନ୍ତି।

### ନାବାଳିକା ଅପହରଣ ଅଭିଯୋଗ

**ପାଟଣା,୩।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ କେହି ଅପହରଣ କରିନେଇଥିବା ତାଙ୍କ ବାପା ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ତୁରୁମୁଙ୍ଗା ଥାନା ଅଧିକାରୀ ସୁଶାନ୍ତମଣୀ ମହାନ୍ତି ଏକ ମାମଲା (ନଂ.୪୨/୨୧) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ନାବାଳିକାଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଝିଅ ଶନିବାର ରାତି ୯ଟାରେ ଶୌଚ ହେବାକୁ ବାଡ଼ି ପଟକୁ ଯାଇ ଆଉ ଘରକୁ ଫେରି ନ ଥିଲେ।

### ପୁଅର ଚିକିତ୍ସା ପାଇଁ ମା'ଙ୍କ ଗୁହାରି

**କେନ୍ଦୁଝର, ୩।୫(ସ୍ୱ.ପ୍ର.):** କେନ୍ଦୁଝର ବଡବିଲ ଖଣି ଅଞ୍ଚଳ ଭୂୟାଁ ରୋଇଡା ଗ୍ରାମର ପୀଡିତ ପୁଅ ରସାନନ୍ଦ କାରୁଆଙ୍କ ଚିକିତ୍ସା ପାଇଁ ମା' ରଶ୍ମୀ କାରୁଆ ସୋମବାର ଜିଲା ପ୍ରଶାସନ ନିକଟରେ ସହାୟତା ପାଇଁ ଗୁହାରି କରିଛନ୍ତି। ରସାନନ୍ଦ ଖଣିରେ କାମ କରୁଥିଲେ। ଧୀରେ ଧୀରେ ରୋଗାଗ୍ରସ୍ତ ହୋଇ ଦୁର୍ବଳ ହୋଇଗଲେ। ଖଣି ସଂସ୍ଥା ପକ୍ଷରୁ ତାଙ୍କୁ କୌଣସି ସହାୟତା କରାଯାଇନି। ବିପିଏଲ ପରିବାର ହୋଇଥିବାରୁ ମୂଲମଜୂରୀ କରି ଚଳିଆସୁଥିଲେ। ପୁଅ ଖଣିରେ ଖଟି ଯାହା ପାରିଶ୍ରମିକ ଆଣୁଥିଲା ସେଥିରେ ପରିବାର ଚଳୁଥିଲା। ଏବେ ମା' ପାଇଁ ବୋଝ ହୋଇଛନ୍ତି ରସାନନ୍ଦ। ଅର୍ଥାଭାବ ଓ ଚିକିତ୍ସା ଅଭାବରୁ ଘରେ ପଡି ରହି ମୃତ୍ୟୁ ଅପେକ୍ଷାରେ ରହିଥିବା ପୁଅର ଚିକିତ୍ସା ପାଇଁ ମା'ଙ୍କୁ ବାରଦାଣ୍ଡ ଶୁଙ୍ଘିପିଣ୍ଡା ହେବାକୁ ପଡିଛି। କୌଣସି ସହାୟତା ନ ମିଳିବାରୁ ବହୁ ଆଶା କରି ଦୀର୍ଘ ୭୦ କି.ମି. ଦୂର କେନ୍ଦୁଝର ଆସି ସହାୟତା ପାଇଁ ଜିଲାପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

# ଅମାନିଆଙ୍କୁ ସାବାଡ଼ କଲା ପୋଲିସ

- କୋଭିଡ୍ ନିୟମ ଉଲ୍ଲଂଘନ କରି ଯୁବକଙ୍କ ଦାଦାଗିରି
- ଗାଡ଼ି ଜବତ, ୯ ଅଟକ

**ସଜନାଗଡ଼, ୩।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି କଚେରୀ ବଜାରରେ ସୋମବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ପୋଲିସ ପକ୍ଷରୁ ମାସ୍କ ଚେକିଂ ଚାଲିଥିବା ବେଳେ କେତେଜଣ ଅମାନିଆ ଯୁବକ କୋଭିଡ ନିୟମ ଉଲ୍ଲଘଂନ କରି ଖୁଲମଖୁଲା ବୁଲୁଥିବା ବେଳେ ଦେଖିବାକୁ ମିଳିଥିଲା। ଏହା ଦେଖି ପୋଲିସ ତାଗିଦ୍ କରିବା ସହ ଫାଇନ କାଟିବାରୁ ଯୁବକମାନେ ଓଲଟା ନାଲିଆଖି ଦେଖାଇ ଯୁକ୍ତିତର୍କ କରିଥିଲେ। ଆଇଆଇସି ପ୍ରଭଞ୍ଜନ ବେହେରା ପହଞ୍ଚିଯିବାରୁ ଉକ୍ତ ଯୁବକମାନେ ଦୌଡି ପଳାଇଯାଉଥିଲେ। ପୋଲିସ ୫ଜଣ ଅମାନିଆଙ୍କୁ ଧରି ଥାନାକୁ ଆଣି ଅଟକ ରଖିଛି। ସେମାନଙ୍କର ଅନ୍ୟ ୪ଜଣ ସହଯୋଗୀଙ୍କୁ ଥାନାରେ ଅଟକ ରଖାଯାଇଥିବା ନୀଳଗିରି ସବ୍‌ଇନ୍ସପେକ୍ଟର ଶ୍ରୀ ଜୟସିଂହ ସୂଚନା ଦେଇଛନ୍ତି।



ପୋଲିସ ସହ ଅମାନିଆ ଯୁବକଙ୍କ ଯୁକ୍ତିତର୍କ।

ମହାମାରୀ କରୋନା ଭୟଙ୍କର ରୂପ ଧାରଣ କରିଥିବାରୁ ଚାରିଆଡେ ମାସ୍କ ଚେକିଂ ଜୋରଦାର କରାଯାଇଛି। ସନ୍ଧ୍ୟାରେ ନୀଳଗିରି ଥାନାର ସବ୍‌ଇନ୍ସପେକ୍ଟର ବାସୁଦେବ ଜୟସିଂହ କଚେରି ବଜାରରେ ମାସ୍କ ଚେକିଂ କରୁଥିବା ବେଳେ ବାଲେଶ୍ୱର ଅଞ୍ଚଳର ୫ରୁ ୬ଜଣ ଯୁବକ ମୁହଁରେ ମାସ୍କ ନ ପିନ୍ଧି ମଦ୍ୟପାନ କରି ବୁଲୁଥିଲେ। ପୋଲିସ ଫାଇନ୍ କାଟିବାରୁ ତୁମୁଳକାଣ୍ଡ ଘଟିଥିଲା। ଏପରିକି ଯୁବକମାନେ ପାଲଟା ପୋଲିସକୁ ନାଲି ଆଖି ଦେଖାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପ୍ରାୟ ୪୫ମିନିଟ୍ ଧରି ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗି ରହିଥିଲା। ପରେ ଆଇଆଇସି ବେହେରା ସଦଳବଳେ ପହଞ୍ଚି ଅମାନିଆଙ୍କୁ ସାବାଡ୍ କରିଥିଲେ। ଯୁବକମାନଙ୍କ ଏକ ଚାରିଚକିଆ ଗାଡ଼ି (ନଂ.ଓଡ଼ି୦୧ଜି-୪୭୯୬) ଜବତ କରାଯାଇଛି।

# କଟକଣା ମାନୁନାହାନ୍ତି ଲୋକେ

**କେନ୍ଦୁଝର, ୩।୫ (ସ୍ୱ.ପ୍ର.)**

କରୋନା ଭୟାବହତାକୁ ଦେଖି ସମସ୍ତେ ଟିକା ନେବାକୁ ଆଗ୍ରହୀ ହୋଇ ପଡିଛନ୍ତି। ସେହିପରି ଟିକା ସରିଯାଉଥିବାରୁ ଲୋକେ ଟିକାକରଣ କେନ୍ଦ୍ରକୁ ଯାଇ ଅସନ୍ତୋଷ ହୋଇ ଫେରୁଛନ୍ତି। ଏବେ ଦ୍ୱିତୀୟ ଡୋଜ ପାଇଁ ଟିକା ଦିଆଯାଉଥିବା ବେଳେ ୧୮ରୁ ୪୪ ବର୍ଷ ପାଇଁ ଟିକାଦାନ ଆରମ୍ଭ ହୋଇନାହିଁ। ଜିଲାରେ ସମୁଦାୟ ୧୦୪ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଆକ୍ଟିଭ ପଜିଟିଭ ସଂଖ୍ୟା ୯୬୦ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୪୯୪ ଜଣଙ୍କ ନମୁନା ଟେଷ୍ଟ କରାଯାଇଛି। ଜିଲା ମୁଖ୍ୟାଳୟରେ ସର୍ବାଧିକ ୧୮ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଟିକା ପର୍ଯ୍ୟାପ୍ତ ପରିମାଣରେ ନ ଥିବାରୁ ଟିକାଦାନ କେନ୍ଦ୍ରରେ ଭିଡ ଦେଖିବାକୁ ମିଳୁଛି। ସୋମବାର ଜିଲା ମୁଖ୍ୟାଳୟରେ ଭିଡ ଦେଖିବାକୁ ମିଳିଥିଲା । ଉପଯୁକ୍ତ ପ୍ରସ୍ତୁତି ଅଭାବରୁ ବହୁ ଲୋକ ଦ୍ୱିତୀୟ ଡୋଜ ନେବାକୁ ଆସିଫେରି ଯାଇଥିଲେ । ବିଶେଷ କରି ଭିନ୍ନକ୍ଷମ, ବୁଢାବୁଢୀ ମାନେ ଅକଥନୀୟ ଅସୁବିଧା ଭୋଗିଛନ୍ତି। କେତେକ ଟିକା ନ ନେଇ ଟିକା ନେବାକୁ ଅପେକ୍ଷା କରିଥିବା ବେଳେ ସେମାନଙ୍କ ପାଖକୁ ଟିକା ନେଇଥିବା ମେସେଜ ଆସିଥିବା ଦେଖି ଚକିତ ହୋଇଯାଇଥିଲେ। ସ୍ୱାସ୍ଥ୍ୟ ବିଭାଗ ଟିକା ଦାନ ଦେବାରେ କୌଣସି ନୀତିନିୟମ କରି ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିଲା ବୋଲି ବୟୋଜେଷ୍ଠ ନାଗରିକ ମାନେ କହିଛନ୍ତି । ଠେଲା ପେଲା ଦେଖିଲେ କରନା ସଂକ୍ରମଣ ବ୍ୟାପିବା ଆଶଙ୍କା ବଢିଯାଇଛି। ଏନେଇ ଜିଲାପାଳ ଆଶୀଷ ଠାକରେ କହିଛନ୍ତି ଯେ ୧୮ରୁ ୪୪ ବର୍ଷର ଲୋକ ମାନେ ଅଯଥା ଆସି ଭିଡ କରୁଛନ୍ତି । ସେହିପରି ଆସନ୍ତା କାଲି ଠାରୁ ବୃଦ୍ଧାବୃଦ୍ଧଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ।

# ଆଧାର ନ ଥିବାରୁ ଚାଉଳ ବନ୍ଦ

**କେନ୍ଦୁଝର, ୩।୫ (ସ୍ୱ.ପ୍ର.)**

ଆଦିବାସୀ ବହୁଳ ବାଂଶପାଳ ବ୍ଲକର ଗୋନାସିକା ଗ୍ରାମରେ ଜଣେ ଭିନ୍ନକ୍ଷମ ମହିଳାଙ୍କ ଆଧାର କାର୍ଡ ନ ଥିବାରୁ ୩ବର୍ଷ ହେଲା ସରକାରଙ୍କ ମାଗଣା ଚାଉଳ ପାଉ ନ ଥିବା ଅଭିଯୋଗ ହୋଇଛି। ତାଙ୍କ ନାମ ରମଣୀ ପାତ୍ର। ଆଗରୁ ଚାଉଳ ମିଳୁଥିଲା। କିନ୍ତୁ ଭିନ୍ନକ୍ଷମ ଯୋଗୁ ଆଧାର କାର୍ଡ ପାଇଁ କୁଆଡେ ଯାଇ ପାରୁ ନ ଥିବାରୁ ତାଙ୍କୁ ଆଉ ଚାଉଳ ମିଳିନାହିଁ ବୋଲି ତାଙ୍କ ସାନ ଭଉଣୀ ସୁକୁମାରୀ ପାତ୍ର କହିଛନ୍ତି। ତାଙ୍କର ସୀମିତ ମଜୁରିରେ ଦୁଇ ଭଉଣୀ ପେଟ ପୋଷୁଛନ୍ତି। କଣ ରୋଗ ଜଣାପଡୁନାହିଁ। ଅଣ୍ଟା ଓ ଗୋଡରେ ସମସ୍ୟା ରହିଛି । ଏଣୁ ଚଲାବୁଲା କରିପାରୁନାହାନ୍ତି। ସବୁ ବେଳେ ଘରେ ପଡି ରହିଛନ୍ତି । କଷ୍ଟ ଯନ୍ତ୍ରଣା ପାଉଥିଲେ ହେଁ ଅର୍ଥାଭାବରୁ ଚିକିତ୍ସା ହୋଇପାରୁ ନାହିଁ। ଏହି ସାହିରେ ବାହା ହୋଇଥିବାରୁ ସେ ତାଙ୍କ ଭଉଣୀ ରମଣୀଙ୍କ ସବୁ କାମ କରିଦେଉଛନ୍ତି। ତେବେ ଚାଉଳ ମିଳୁନାହିଁ କିମ୍ବା ଘର ଖଣ୍ଡେ ନାହିଁ। ଘର ଭାଙ୍ଗି ଗଲାଣି। ଖସି ପଡିବା ଭୟ ଲାଗୁଛି । ଅନ୍ୟପକ୍ଷେ

### ୩ ବର୍ଷ ହେଲା ଦୁଃଖରେ ରମଣୀ



ଅସହାୟ ରମଣୀ

ରମଣୀ କହିଛନ୍ତି ଯେ, ମୁଁ ବହୁ କଷ୍ଟ ଯନ୍ତ୍ରଣାରେ ଅଛି। ମରିବାକୁ ଚାହିଁଲେ ମରିପାରୁନି। ଖାଇବାକୁ ମିଳୁନାହିଁ ଏଣୁ ଚିକିତ୍ସା କେଉଁଠୁ କରିବି। ଏଣୁ ଚାଉଳ ଗଣ୍ଡେ ଦେବାକୁ ରମଣୀ କହିଛନ୍ତି। ଭିନ୍ନକ୍ଷମ ପାଇଁ ବିବାହ କରିନାହାନ୍ତି। ତାଙ୍କ ଭାଇ ବିଶ୍ୱନାଥ ପାତ୍ର ମଧ୍ୟ ଭିନ୍ନକ୍ଷମ । ତେବେ ଏନେଇ ଜିଲାପାଳ ଆଶୀଷ ଠାକରେ କହିଛନ୍ତି ଯେ ଏନେଇ ସେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ।

# ବାଲ୍ୟ ବିବାହ ଅଟକାଇଲା ଟାକ୍ସଫୋର୍ସ

**ଜଳେଶ୍ୱର, ୩।୫ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ କୋର୍ଟସାହି ପଞ୍ଚାୟତ ଡିଙ୍ଗାଶୋଳ ଗାଁରେ ନାବାଳିକା ବିବାହକୁ ଜଳେଶ୍ୱର ବ୍ଲକସ୍ତରୀୟ ଟାକ୍ସଫୋର୍ସ କମିଟି ସଚିବ ତଥା ସିଡିପିଓ ଦୀପ୍ତିମୟୀ ପୋଥାଳ ବନ୍ଦ କରିଛନ୍ତି । ଏ ସମ୍ପର୍କରେ ସରପଞ୍ଚ ମଞ୍ଜୁବାଳା ପ୍ରଧାନ ଜାଣିବା ପରେ ବାଲେଶ୍ୱର ଚାଇଲ୍ଡଲାଇନ୍ ମୁଖ୍ୟ ପ୍ରଶାନ୍ତ କୁମାର ରାଉତ, ଜଳେଶ୍ୱର ସିଡିପିଓ, ଆଇଆଇସି, ଜିଲା ଶିଶୁ ମଙ୍ଗଳ କମିଟିଙ୍କୁ ଅବଗତ କରାଇଥିଲେ। ଡିଙ୍ଗାଶୋଳର ଅଙ୍ଗନୱାଡି କର୍ମୀ ସବିତା ପରିଡାଙ୍କ ନେତୃତ୍ୱରେ ୱାର୍ଡସଭ୍ୟ ବିକ୍ରମ ଜେନା, ନିତ୍ୟାନନ୍ଦ ଜେନା, ନଗେନ୍ଦ୍ର ଜେନା ନାବାଳିକାଙ୍କ ଘରକୁ ଯାଇ ଆଇନ୍ ସମ୍ପର୍କରେ ସଚେତନ କରାଇବା ସହ ବିବାହ ବନ୍ଦ କରିଥିଲେ।

# ଗଣଧାରଣାରେ ଜଳେଶ୍ୱର ଓକିଲ ସଂଘ

**ଜଳେଶ୍ୱର, ୩।୫(ଡି.ଏନ.ଏ.)**

ଜଳେଶ୍ୱରର ନୂତନ ସ୍ଥାନରେ କୋର୍ଟ ପ୍ରତିଷ୍ଠାର ୫ ମାସ ବିତିଥିଲେ ମଧ୍ୟ ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର ସାଜିଛି। ପ୍ରତିଷ୍ଠା ସମୟରେ ଜନସାଧାରଣ, କୋର୍ଟ କର୍ମଚାରୀ, ଓକିଲମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ହୋଇ ନ ଥିବାରୁ ଏହା ବିରୋଧରେ ସୋମବାର ଜଳେଶ୍ୱର ଓକିଲ ସଂଘ ପକ୍ଷରୁ କୋର୍ଟ ମୁଖ୍ୟ ଫାଟକକୁ ବନ୍ଦ କରି ଅନିର୍ଦ୍ଦିଷ୍ଟ କାଳ ଲାଗି ଗଣଧାରଣା ଆରମ୍ଭ କରାଯାଇଛି। ୬ଦଫା ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ ବୋଲି ଓକିଲ ସଂଘ ସଭାପତି ଅନୀଲ କୁମାର ପରିଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ୫ଟି ଥାନା ଅଞ୍ଚଳକୁ ନେଇ ଗତ ୨୧୨।୨୦ରେ ଏହି କୋର୍ଟକୁ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଭିଡିଓ କନ୍‌ଫରେନ୍ସି ଜରିଆରେ ଉଦ୍‌ଘାଟନ କରିଥିଲେ। ଜିଲା ଜଜ୍, ଜିଲାପାଳ ଓ ଜିଲାର ବହୁପଦାଧିକାରୀ ଉପସ୍ଥିତ ଥିଲେ । କୋର୍ଟ ପରିସରରେ ସମସ୍ତଙ୍କର ବସିବା ବ୍ୟବସ୍ଥା, ପିଇବା ପାଣି ବ୍ୟବସ୍ଥା, ଯାତାୟାତ ଲାଗି ମୋ ବସ୍ ସେବା ପ୍ରଚଳନ, ପୋକ୍ସୋ ଓ ଏସ୍‌ସିଏସଟି ମାମଲା ଏହି କୋର୍ଟରେ ବିଚାର ହେବାର ପ୍ରତିଶ୍ରୁତି ଦିଆଯାଇଥିଲା। ଅଦ୍ୟାବଧି ସେସବୁ କିଛି ପୂରଣ ହୋଇ ନ ଥିବାରୁ ଏହାର ପ୍ରତିବାଦରେ ଏହି ଅନିର୍ଦ୍ଦିଷ୍ଟ କାଳ ଲାଗି ଗଣଧାରଣା ଦିଆଯାଇଥିବା ବାର୍ ସଭାପତି ପରିଡା, ସମ୍ପାଦକ ବିଜନ୍ କୁମାର ଦେ, ଉପସଭାପତି ମନୋଜ ମିଶ୍ର, କୋଷାଧ୍ୟକ୍ଷ ବିନୋଦ ଗିରି ପ୍ରମୁଖ କହିଥିଲେ। ଦାବିପତ୍ରର ନକଲ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ, ବିଚାର ବିଭାଗ, ଜିଲାପାଳ, ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି।



ଓକିଲ ସଂଘ ପକ୍ଷରୁ ଗଣଧାରଣା ଦିଆଯାଇଛି।

# ଏଫ୍‌ଏମ୍ ମେଡିକାଲ କଲେଜରେ ଅକ୍ସିଜେନ୍ ପ୍ଲାଣ୍ଟ ନିର୍ମାଣ ଦାବି

**ବାଲେଶ୍ୱର ଅଫିସ, ୩।୫**

ବାଲେଶ୍ୱର ଜିଲା ଫକୀରମୋହନ ମେଡିକାଲ କଲେଜ ହସ୍‌ପିଟାଲରେ ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା ନିମନ୍ତେ ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି, ବାଲେଶ୍ୱର ଜିଲା ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ଓ ବାଲେଶ୍ୱର ଜିଲା ମୋହରୀର ସଂଘ ତରଫରୁ ମିଳିତ ଭାବେ ଦାବି କରାଯାଇଛି। ଅକ୍ସିଜେନ୍‌ର ଜରୁରୀ ଆବଶ୍ୟକତା ଦୃଷ୍ଟିରୁ କେନ୍ଦ୍ର ସରକାର ସମଗ୍ର ଦେଶରେ ୫୫୧ଟି ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ଲାଣ୍ଟଗୁଡ଼ିକୁ ବିଭିନ୍ନ ମେଡିକାଲ କଲେଜ ହସପିଟାଲ୍ ପରିସରରେ ପ୍ରତିଷ୍ଠା କରାଯିବାକୁ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଉକ୍ତ ଅନୁଷ୍ଠାନଗୁଡ଼ିକ ତରଫରୁ ଦୁଇଟି ସ୍ୱତନ୍ତ୍ର ଦାବିପତ୍ରରେ ଫକୀରମୋହନ ମେଡ଼ିକାଲ କଲେଜ ହସପିଟାଲ୍ ପରିସରରେ ଏକ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦତ୍ତ ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଗ୍ରହଣ କରିଥିଲେ।

# ଜମି ପଞ୍ଜୀକରଣ ଦାବିରେ ସବ୍ ରେଜିଷ୍ଟ୍ରାରଙ୍କ ଅଫିସ୍‌ରେ ତାଲା



ସବ୍ ରେଜିଷ୍ଟ୍ରାରଙ୍କ ଅଫିସ୍‌ରେ ମୋହରିରମାନେ ତାଲା ପକାଇ ଦେଇଛନ୍ତି।

**ବାଲେଶ୍ୱର ଅଫିସ, ୩।୫**

ବାଲେଶ୍ୱର ଜିଲା ଉପନିବନ୍ଧକଙ୍କ ଅଫିସ୍‌ରେ ଜମି ପଞ୍ଜିକରଣ ହୋଇପାରୁ ନ ଥିବାରୁ ସୋମବାର ମୋହରିର ଓ କେତେଜଣ ଆଇନଜୀବୀ ମିଳିତ ଭାବେ ତାଲା ପକାଇ ବନ୍ଦ କରିଥିଲେ। ଉକ୍ତ ଅଫିସ୍‌ରେ ଜମି କିଣାବିକା ସହ ପ୍ରତିଦିନ ୮୦ରୁ ୧୦୦ ଜମି ପଞ୍ଜିକରଣ ହୋଇ ଦଲିଲ୍ କରାଯାଇଥାଏ। ଗତ ଶୁକ୍ରବାର ଜିଲା ଉପନିବନ୍ଧକ ଅନୁପସ୍ଥିତ ଥିବା କାରଣରୁ ଏହି କାର୍ଯ୍ୟ ହୋଇପାରି ନ ଥିଲା। ସୋମବାର ଅଫିସ୍ ଖୋଲିବାରୁ ମୋହରିରମାନେ ପଞ୍ଜିକରଣ ପାଇଁ କାଗଜପତ୍ର ନେଇ ପହଞ୍ଚିଥିଲେ। ମୁଖ୍ୟ କିରାଣି ମାତ୍ର ୨୫ଟି ନେବା ପାଇଁ ଅଧିକାରୀଙ୍କ ନିର୍ଦ୍ଦେଶ ରହିଥିବା କହି ଫେରାଇ ଦେଇଥିଲେ। ଫଳରେ ମୋହରିରମାନେ ଏହାକୁ ବିରୋଧ କରି ଅଫିସ୍ ସମ୍ମୁଖରେ ଏକଜୁଟ୍ ହୋଇ ଅଫିସ୍‌ରେ ତାଲା ପକାଇ ବନ୍ଦ କରିଦେଇଥିଲେ। ଏଥିରେ କେତେଜଣ ଆଇନ୍‌ଜୀବୀ ମଧ୍ୟ ସହଯୋଗ କରିଥିଲେ। ତାଲା ବନ୍ଦ ଫଳରେ ଉପନିବନ୍ଧକ ଏବଂ ଅନ୍ୟ କର୍ମଚାରୀମାନେ ଅଫିସ୍ ଭିତରେ ପଶି ପାରି ନ ଥିବାରୁ ପଞ୍ଜିକରଣ କାର୍ଯ୍ୟ ହୋଇପାରି ନଥିଲା। ଫଳରେ ଦୂରଦୂରାନ୍ତରୁ ଜମି କିଣାବିକା ପାଇଁ ଆସିଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ମଦ ଦୋକାନ ଖୋଲିବାକୁ ବିରୋଧ




ମହିଳା ଓ ପୁରୁଷମାନେ ବିକ୍ଷୋଭ କରୁଛନ୍ତି।

**ବନ୍ତ,୩।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ସ୍ଥିତ ସାହାଡ଼ାଗଡିଆ କେନାଲ ପାର୍ଶ୍ୱରେ ଥିବା ସତ୍‌ସଙ୍ଗ ବିହାର, ଆଇଟିଆଇ ପ୍ରଶିକ୍ଷଣ କେନ୍ଦ୍ର ନିକଟରେ ସରକାରୀ ବିଦେଶୀ ମଦ ଦୋକାନ ଖୋଲାଯିବାକୁ ଟିଲୋ ପଞ୍ଚାୟତର ଲୋକେ ବିରୋଧ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଜିଲାପାଳ, ଭଦ୍ରକ ଅବକାରୀ ଅଧୀକ୍ଷକ ଓ ବନ୍ତ ଥାନାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପ୍ରସ୍ତାବିତ ସ୍ଥାନରେ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ସହ ସତ୍‌ସଙ୍ଗ ବିହାରଠାରେ ଖବରଦାତା ସମ୍ମିଳନୀ କରି ଅନୁସୂଚିତ ଜାତି, ଉପଜାତି ବ୍ୟକ୍ତିଙ୍କ ଜମିକୁ ଏଗ୍ରିମେଣ୍ଟ କରିବାର ନିୟମ ନ ଥିବାବେଳେ ଏଠାରେ ମଦ ଦୋକାନ ଖୋଲିବା ନେଇ ନିୟମକୁ ଉଲ୍ଲଂଘନ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି।

### ପ୍ରସ୍ତାବିତ ସ୍ଥାନରେ ବିକ୍ଷୋଭ

ସେହିପରି କୌଣସି ବାସସ୍ଥାନ, ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନଠାରୁ ୨୩୦ ମିଟର ଦୂରତା ମଧ୍ୟରେ ମଦ ଦୋକାନ ଖୋଲିବାର ନିୟମ ନ ଥିବା ବେଳେ ଏହାକୁ ଉଲ୍ଲଂଘନ କରାଯାଇ ଅନୁମତି ଦିଆଯାଇଥିବା କହିଛନ୍ତି ଗ୍ରାମବାସୀ। ଉକ୍ତ ସ୍ଥାନରେ ମଦ ଦୋକାନ ଖୋଲାଗଲେ ଛାତ୍ରୀଛାତ୍ର, ଧର୍ମପରାୟଣ ବ୍ୟକ୍ତିବିଶେଷ, ଜନସାଧାରଣଙ୍କ ଚଳାଚଳ, ଜୀବନ ବିପଦାପନ୍ନ ହେବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଏହାକୁ ବନ୍ଦ ନ କଲେ ଆଗାମୀ ଦିନରେ ରାସ୍ତାରୋକୋ କରିବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ନାରାୟଣ ସାହୁ, ବିପିନ ବିହାରୀ ରାଉତ, ଗୋବିନ୍ଦ ରାଜ, ଗୋଲକ କୁମାର ସାମଲ, ଜଗବନ୍ଧୁ ରାଉତ, ରାଜେଶ ବେହେରା, ବାଇଧର ଜେନା, ମିନତି ଜେନା, ନନ୍ଦିନୀ ଜେନା, ବନଲତା ପାତ୍ର, ସତ୍ୟଭାମା ରାଉତ, ଅନିତା ସ୍ୱାଇଁ ପ୍ରମୁଖ ଗ୍ରାମବାସୀ ବିକ୍ଷୋଭରେ ସାମିଲ ଥିଲେ। ଉକ୍ତ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ନେଇ ଟିଲୋ ସରପଞ୍ଚ ନିହାରିକା ରାଉତ ଜିଲା ପ୍ରଶାସନକୁ ଚିଠି ମାଧ୍ୟମରେ ଅବଗତ କରାଇଥିବା ଜଣାଯାଇଛି।

# କୋଭିଡ୍ ଟିକାକରଣ ଲାଗି ସ୍ୱତନ୍ତ୍ର ପଦକ୍ଷେପ

**କେନ୍ଦୁଝର, ୩।୫(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲାରେ ଟିକାକରଣ କେନ୍ଦ୍ରରେ ଭିଡ଼କୁ ଦେଖି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କେନ୍ଦୁଝରରେ ନଗର ଭବନରେ ଟିକା ଦିଆଯିବ ବୋଲି ସିଡିଏମଓ ଡ. ଅଶୋକ ଦାସ କହିଛନ୍ତି। ଏବେ ଭ୍ୟାକ୍ସିନ ଆସିଲେ ବରିଷ୍ଠ ନାଗରିକଙ୍କ ପାଇଁ ସବୁ ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ସେହିପରି ଜିଲାକୁ ଦୈନିକ ୧୦ହଜାର ଭ୍ୟାକ୍ସିନ ଆସିବା ବଦଳ ରେ ମାତ୍ର ୫ ହଜାର ଆସିଥିବାରୁ ସୋମବାର ଶେଷ ହୋଇଯାଇଛି। ଜିଲାରେ ପ୍ରଥମ ଡୋଜ୍ ଟିକା ନେଇଥିବା ପାଖାପାଖି ଦେଢ଼ ଲକ୍ଷ ଲୋକ ଦିତୀୟ ଡୋଜ୍ ଟିକା ଅପେକ୍ଷାରେ ଅଛନ୍ତି। ତେବେ ଟିକା କେବେ ଆସିବ ଓ କିପରି ପାଇବେ ସେ ନେଇ ଅନିଶ୍ଚିତତା ମଧ୍ୟରେ ଅଛନ୍ତି। ଟିକା ଆସିଲେ ଦିଆଯିବ ବୋଲି ସିଡିଏମଓ କହିଛନ୍ତି। ଏବେ ୧୮ ରୁ ୪୪ ବର୍ଷ ପର୍ଯ୍ୟନ୍ତ ଲୋକଙ୍କ ଟିକା ଆସିନାହିଁ। ଏହି ଅର୍ଥ ରାଜ୍ୟ ସରକାର ବହନ କରୁଥିବାରୁ ଏଥି ପାଇଁ ଉପର ଆଦେଶକୁ ଅପେକ୍ଷା କରାଯାଇଛି। ତେବେ ସମସ୍ତେ ପୂର୍ବରୁ ନାମ ପଞ୍ଜୀକରଣ କରିବା ବାଧ୍ୟତାମୂଳକ ବୋଲି ସେ କହିଛନ୍ତି। ଜିଲାକୁ ସମୁଦାୟ ୨,୦୯,୫୬୦ ଟିକା ଆସିସରିଛି। ଟୀକା ସମୟରେ ଆସୁନାହିଁ। ଏଣୁ ଆଗାମୀ ଦିନରେ ଏହାକୁ ଠିକ କରାଯିବ ବୋଲି ସିଡିଏମଓ କହିଛନ୍ତି।

**ODISHA PUBLIC SERVICE COMMISSION**
**CUTTACK**

**NOTICE**

No. 2924 / P.S.C., (1E-17-20-21) (DR-II) Dt. 03.05.2021

**No. D-16:-** In view of the lockdown declared by the State Government from 05th May, 2021 to 19th May, 2021 throughout the State due to Covid-19 pandemic situation, the Commission have decided to postpone the conduct of the physical verification of original certificates & documents for recruitment to the post of Assistant Executive Engineer (Electrical), pursuant to the Advertisement No. 10 of 2019-20, scheduled to be held from 17.05.2021 to 19.05.2021 until further order. The next date for conduct of aforesaid verification process shall be notified in due course. The concerned candidates are advised to visit the website of the Commission regularly regarding conduct of the same.

The present notice supersedes the notice No. 2912/PSC, dt. 30.04.2021.

**Sd./- Additional Secretary**
OIPR-12002/11/0011/2122

**ODISHA PUBLIC SERVICE COMMISSION**
**CUTTACK**

**NOTICE**

No. 2928 / P.S.C., Dt. 03.05.2021

**No. D-17:-** It is for the information of all concerned candidates applying for OCS-2020 that, in view of the "lockdown" declared by the Government of Odisha throughout the state with effect from 5th May 2021 to 19th May 2021 the scheduled date for conduct of OCS preliminary (written) examination, 2020, pursuant to Advt. No.07 of 2020-21, published vide Notice No. 2192/PSC, Dt.22.03.2021, is hereby postponed. The details of the Programme of the said examination shall be notified in due cource. The candidates are advised to visit the website of the Commssion at http://opsc.gov.in regularly for further information in the matter.

**Sd./- Additional Secretary**
OIPR-12002/11/0012/2122

## ଜଳିଗଲା ୪ ବଖରା

ଭଣ୍ଡାରିପୋଖରୀ, (ଡି.ଏନ.ଏ)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସରସଦା ଗ୍ରାମରେ ସୋମବାର ସକାଳେ ଅଗ୍ନିକାଣ୍ଡ ଘଟି ନୃସିଂହ ଜେନା ଓ ଚୌଧୁରୀ ଜେନାଙ୍କ ୨ ବଖରା ଲେଖାଏଁ ମୋଟ ୪ ବଖରା ଘର ଜଳିଯାଇଛି। ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

### ସଂକ୍ଷେପରେ

## ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ୩ ଗାଁ

**ସୋର, ୩।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ବ୍ଲକ ପାଖର ପଞ୍ଚାୟତର ୧୯୩୭ ଲୋକସଂଖ୍ୟା ବିଶିଷ୍ଟ ୩ଟି ଗ୍ରାମକୁ ରବିବାର ରାତିରେ ଜିଲାପାଳଙ୍କ ନିର୍ଦ୍ଦେଶରେ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏସବୁ ଗ୍ରାମରେ କରୋନା ୨ୟ ଲହର ସମୟରେ ୧୨ଜଣ ଏକାଥରେ ସଂକ୍ରମିତ ଥିବା ଜଣାପଡିବା ପରେ ଏହି ପଦକ୍ଷେପ ଗ୍ରହଣ କରାଇଛି। ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପଣ୍ଡା, ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ପାଣିଗ୍ରାହୀଙ୍କ ଉପସ୍ଥିତିରେ ୬ଟି ଟିମ୍ ନେଇ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷିତ ପଞ୍ଚାୟତ ଅନ୍ତର୍ଗତ ଦୁର୍ଗାପୁର, ଗୋପୀନାଥପୁର ଓ ଖେରଣାକୁ ଯାଇ ଘରକୁ ଘର ସମ୍ପର୍କ କରି ପରିସ୍ଥିତି ଅନୁଧାନ କରିଛନ୍ତି।

## ହୃଦରୋଗରେ ବ୍ୟବସାୟୀଙ୍କ ମୃତ୍ୟୁ

**ସିମୁଳିଆ, ୩।୫(ଡି.ଏନ.ଏ.):** ସିମୁଳିଆ ବ୍ଲକର ସଦରମହକୁମା ମାର୍କୋଣା ଛକର ବିଶିଷ୍ଟ ବ୍ୟବସାୟୀ ଭୀମସେନ ଲେଙ୍କା(୫୬)ଙ୍କ ହୃଦରୋଗରେ ପରଲୋକ ହୋଇଯାଇଛି। ମାର୍କୋଣା ନିକଟସ୍ଥ କୁସୁନୁଖାର୍ଜୀ ଅଞ୍ଚଳରେ ତାଙ୍କ ଘର। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିଲେ। ରବିବାର ସନ୍ଧ୍ୟାରେ ତାଙ୍କ ମରଶରୀର ନିଜ ଅଞ୍ଚଳରେ ପହଞ୍ଚିଥିଲା। ୩୦ବର୍ଷ ପୂର୍ବେ ସେ ଫୁଟପାଥ୍‌ରୁ ବ୍ୟବସାୟ ଆରମ୍ଭ କରି ଜଣେ ସଫଳ ବ୍ୟବସାୟୀ ହୋଇପାରିଥିଲେ। ସେ ଅତ୍ୟନ୍ତ ମେଳାପୀ ସ୍ୱଭାବର ବ୍ୟକ୍ତି ଥିଲେ।

## ଟ୍ରକ୍ ସହ ଧକ୍କା ହୋଇ ନୟନଯୋରିକୁ ଖସିଲା ଅଟୋ
## ଜଣେ ମୃତ, ୩ ଗୁରୁତର

**ବସ୍ତା, ୩।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ୬୦ନଂ. ଜାତୀୟ ରାଜପଥର ଜୁଣବଳଦା ଛକଠାରେ ଏକ ଅଜଣା ଟ୍ରକ୍ ସହ ଏକ ଯାତ୍ରୀବାହୀ ଅଟୋ ଧକ୍କା ହୋଇ ନୟନଯୋରିକୁ ଖସିପଡିଥିଲା। ଘଟଣାସ୍ଥଳରେ ଅଟୋ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କମର୍ଦ୍ଦା ଥାନା କୁଶୁଡ଼ା ଗ୍ରାମର ଚନ୍ଦ୍ରଶେଖର ପାଣିଗ୍ରାହୀ (୬୫)। ସେ ରୋଗୀ ନେଇ ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯାଉଥିଲେ। ଗୁରୁତରମାନଙ୍କ ମଧ୍ୟରେ ଜଣେ ମହିଳା, ଛୋଟ ପିଲା ଥିଲେ। ସେମାନଙ୍କୁ ପ୍ରଥମେ ବସ୍ତା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ଖଣି ବନ୍ଦ ପାଇଁ ସରପଞ୍ଚ ଲେଖିଲେ ଚିଠି

**କେନ୍ଦୁଝର, ୩।୫ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଶୁଆକାଠି ଖଣି ଅଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ସହ ସ୍ଥାନୀୟ ଗନ୍ଧମାର୍ଦ୍ଦନ ଖଣିରେ କେତେକ ଲୋଡର୍ ସଂକ୍ରମିତ ହୋଇଥିବା ଘଟଣାକୁ ନେଇ ଉକ୍ତ ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି । ଏହାକୁ ନେଇ କାମ କରୁଥିବା କର୍ମଚାରୀ ମାନେ ଭୟଭୀତ ହୋଇ କାମ ବନ୍ଦ କରିବା ପାଇଁ ଦାବି କରିଥିବା ବେଳେ ଆଖପାଖ ଅଞ୍ଚଳର କେତେକ ସରପଞ୍ଚ ଖଣି କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅନୂନ୍ୟ ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଖଣି କାର୍ଯ୍ୟବନ୍ଦ କରିବାକୁ ନିବେଦନ କରିଛନ୍ତି । ଅନେକ ଟ୍ରକ ମାଲିକ ତଥା ସ୍ଥାନୀୟ ଅଞ୍ଚଳବାସୀ ମଧ ଟ୍ରକ୍ ଚଳାଚଳ ବନ୍ଦ କରିବା ପାଇଁ ଟ୍ରକ ସଂଘକୁ ମଧ୍ୟ ନିବେଦନ କରିଛନ୍ତି।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

**ରୂପ୍‌ସା, ୩।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ସିଂଲା ଗ୍ରାମର ଜଣେ ବୃଦ୍ଧା ସାପ କାମୁଡାରେ ପ୍ରାଣ ହରାଇଛନ୍ତି। ମୃତ ବୃଦ୍ଧା ହେଲେ ରାଜେନ୍ଦ୍ର ପଣ୍ଡିତଙ୍କ ସ୍ତ୍ରୀ ମୀନା ପଣ୍ଡିତ (୬୦)। ସେ ଘର କାମ କରୁଥିବା ବେଳେ ଏକ ବିଷଧର ସର୍ପ ତାଙ୍କ ହାତକୁ କାମୁଡିଥିଲା। ପରିବାର ଲୋକେ ତାକୁ ସଙ୍ଗେ ସଙ୍ଗେ ସିଂଲା ମେଡ଼ିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ହେଲେ ହସ୍‌ପିଟାଲ ବନ୍ଦ ଥିବାରୁ ଆହତ ବୃଦ୍ଧାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

# କରୋନା: ବନ୍ୟଜନ୍ତୁ ବି କଲବଲ

**କେନ୍ଦୁଝର, ୩।୫ (ସ୍ୱ.ପ୍ର.)**

ଏକ ପକ୍ଷରେ ବ୍ୟାପକ ଜଙ୍ଗଲ ଧ୍ୱଂସ ଯୋଗୁ ବନ୍ୟ ଜନ୍ତୁ ବାସହରା ହୋଇଯାଇଥିବାବେଳେ ଖାଦ୍ୟାଭାବ ଯୋଗୁ ଜଙ୍ଗଲ ଛାଡି ଜନବସତି ମୁହାଁ ହେଉଛନ୍ତି । ଏଭଳି ବାଂଶପାଳ ଓ ତେଲକୋଇ ବ୍ଲକ ଅଞ୍ଚଳର ବଣ ଜଙ୍ଗଲରେ ରହୁଥିବା ମାଙ୍କଡ ମାନଙ୍କ ଅବସ୍ଥା ହୋଇଛି। ଅନେକ ସ୍ଥାନରେ ଆଗଭଳି ମାଙ୍କଡ ପଲ ଦେଖିବାକୁ ମିଳୁନାହିଁ। କୁଆଡେ ଗଲେ ଜଣାପଡୁନାହିଁ। ଜଙ୍ଗଲରେ ଖାଦ୍ୟାଭାବ ଯୋଗୁ ରାଜରାସ୍ତାକୁ ଆସି ଖାଦ୍ୟ ପାଇଁ ଅପେକ୍ଷା କରିଥାନ୍ତି। ରାସ୍ତାରେ ଯାଉଥିବା ବାଟୋଇ, ଲାଇନ ଟ୍ରକ ଚାଳକ ତଥା ଆସୁଥିବା ପର୍ଯ୍ୟଟକ ମାନେ ସେମାନଙ୍କୁ ଯାହା ଖାଇବାକୁ ଦିଅନ୍ତି ସେସବୁ ଖାଇଥାନ୍ତି । ତେବେ ବଣଜଙ୍ଗଲର ଫଳମୂଳ ଖାଇ ଆସୁଥିବା ଏହି ବନ୍ୟଜନ୍ତୁ ଏବେ ଲୋକଙ୍କ ଖାଦ୍ୟ ଖାଇବା ଦ୍ୱାରା ପୁଷ୍ଟିହୀନତାର ଶୀକାର ହୋଇ ରୋଗାଗ୍ରସ୍ତ ହୋଇପଡୁଛନ୍ତି । ଫଳରେ ସେମାନଙ୍କ ଭବିଷ୍ୟତ କୁ ନେଇ ବନ୍ୟପ୍ରାଣୀ ପ୍ରେମୀମାନେ ଚିନ୍ତା ପ୍ରକଟ କରୁଛନ୍ତି।


ଖାଦ୍ୟ ସଂଗ୍ରହ ପାଇଁ ଗାଁ ରାସ୍ତାରେ ମାଙ୍କଡ଼।

ଅନେକ ମାଙ୍କଡ ବିପଦପୂର୍ଣ୍ଣ ଭାବରେ ନିଜର ଛୋଟ ଛୁଆ କୋଳରେ ଧରି ରାସ୍ତା ଉପରେ ଖାଦ୍ୟ ପାଇଁ ଘୁରିବୁଲୁଥିବାରୁ ଦୁର୍ଘଟଣା ଭଳି ବିପଦ ଆଶଙ୍କା ରହିଛି । ରାସ୍ତା ସଂପ୍ରସାରଣ ନାମରେ ବ୍ୟାପକ ଜଙ୍ଗଲ କଟାଯିବା ସହ ପୋଡୁ ଚାଷ ନାମରେ ଜଙ୍ଗଲ ପୋଡି, ଜାଳେଣୀ ତଥା ଘର ଓ ଘର ଉପକରଣ ତିଆରି ପାଇଁ ଆବଶ୍ୟକ କାଠ ପାଇଁ ଜଙ୍ଗଲ ଧ୍ୱଂସ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଣୁ ଏନେଇ ବନ ବିଭାଗ ସେମାନଙ୍କ ସୁରକ୍ଷା ଓ ଖାଦ୍ୟ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି। ବିଶେଷ କରି କାଞ୍ଜିପାଣି ଘାଟିର କାଞ୍ଜିପାଣି-ତେଲକୋଇ, କାଞ୍ଜିପାଣି-ଜଗମୋହନପୁର ତଥା ତେଲକୋଇ-ଜଗମୋହନପୁର, ଶୁଆକାଠି-ବାୟାପଣ୍ଡାଧାର ଆଦି ରାସ୍ତାରେ ଏଭଳି ବହୁ ସଂଖ୍ୟାରେ ମାଙ୍କଡମାନେ ରାସ୍ତା କଡ଼ରେ ଖାଦ୍ୟ ପାଇଁ ଘୁରି ବୁଲୁଛନ୍ତି। ଏବେ କରୋନା ସମୟରେ ଯାତାୟାତ କମିଯାଉଥିବାବେଳେ ଏବଂ ଢାବା, ହୋଟେଲ ଆଦିରେ ଖାଦ୍ୟ କଟକଣା, ଦୋକାନ ବଜାର ବନ୍ଦ ଆଦି କାରଣରୁ ଅଧିକ ଖାଦ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସ୍ଥାନୀୟ ଲୋକ ମାନେ ମତବ୍ୟକ୍ତ କରୁଛନ୍ତି । ଫଳମୂଳ ଅପେକ୍ଷା ଅଧିକ ବିସ୍କୁଟ, ତେଲଭାଜି ଖାଦ୍ୟ, ଭାତ ଆଦି ଲୋକ ମାନେ ଖାଇବାକୁ ଦେଉଥିବା ଦେଖିବାକୁ ମିଳୁଛି। ଏପରି କରିବା ଆଦୌ ଉଚିତ୍ ନୁହେଁ। ବନ୍ୟଜନ୍ତୁଙ୍କୁ ବାହାର ଖାଦ୍ୟ ନ ଦେବା ପାଇଁ ବନ ବିଭାଗ ପକ୍ଷରୁ କୁହାଯାଉଥିଲେ ହେଁ ସତର୍କତା ଫଳକ ନ ଥିବାରୁ ବହୁ ଲୋକ ଜାଣି ପାରୁନାହାନ୍ତି। ସେହିପରି ହାତୀ ଭଳି ମାଙ୍କଡ ଚଳପ୍ରଚଳ ଅଞ୍ଚଳ ଜଙ୍ଗଲ ଗୁଡିକୁ ଚିହ୍ନଟ କରି ସଚେତନତା ବୋର୍ଡ ମାରିବା ସହ ସେମାନଙ୍କ ପାଇଁ ପିଜୁଳି ଭଳି ଫଳଗଛ ବନୀକରଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

- ଖାଦ୍ୟ ସଂଗ୍ରହ ପାଇଁ ରାସ୍ତାରେ ବନ୍ୟପ୍ରାଣୀ
- ଫଳଗଛ ବନୀକରଣ କରିବାକୁ ଦାବି
- ବାହାର ଖାଦ୍ୟ ନ ଦେବାକୁ ନିର୍ଦ୍ଦେଶ

# କୋଭିଡ୍ ଆକ୍ରାନ୍ତ ଦମ୍ପତିଙ୍କୁ ଗାଁରେ ପୂରାଇ ଦେଲେନି

**ବନ୍ତ,୩।୫(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ କନ୍ତିଆ ଗ୍ରାମର କୋଭିଡ୍ ଆକ୍ରାନ୍ତ ଏକ ଦମ୍ପତିଙ୍କୁ ସୋମବାର ଲୋକେ ଗାଁରେ ପୂରାଇ ଦେଇ ନ ଥିଲେ। ସୂଚନା ଅନୁଯାୟୀ, ଉକ୍ତ ଦମ୍ପତିଙ୍କୁ ଥଣ୍ଡା ଜ୍ୱର ହେବା ପରେ ସେମାନେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଟେଷ୍ଟ କରାଇଥିଲେ। ପଜିଟିଭ୍ ବାହାରିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସେମାନଙ୍କୁ ହୋମ୍ ଆଇସୋଲେଶନରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ସେମାନେ ଯିବା ପରେ ଲୋକେ ଗାଁକୁ ପ୍ରବେଶ କରିବାକୁ ଦେଇ ନ ଥିଲେ। ଫଳରେ ଦମ୍ପତି ଗ୍ରାମରୁ ପଳାଇ ଆସି ଗଣିଜାଙ୍ଗ କ୍ଲଷ୍ଟର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି) ଆଗରେ ବସି ରହିଥିଲେ। ଏ ସମ୍ପର୍କରେ ଖବର ପାଇ ସରପଞ୍ଚ ରଞ୍ଜନ କୁମାର ସାହୁ, କ୍ଲଷ୍ଟର ଟିଏମ୍‌ସିର ନୋଡାଲ ଅଫିସର ଅଭୟ କୁମାର ପ୍ରଧାନ, ମ୍ୟାନେଜର ପ୍ରଫୁଲ୍ଲ କୁମାର ପଣ୍ଡା ଓ ସାମାଜିକ କର୍ମୀ ରଘୁନାଥ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଖବର ଦେଇଥିଲେ। ଏହାପରେ ସ୍ୱାସ୍ଥ୍ୟ ଟିମ୍ ଆସି ଦମ୍ପତିଙ୍କୁ ଔଷଧ ପ୍ରଦାନ କରିଥିବା ବେଳେ ଅପରାହ୍ନରେ ସେମାନେ ଗାଁକୁ ଫେରି ହୋମ୍ ଆଇସୋଲେଶନରେ ରହିଛନ୍ତି।

# କଣ୍ଟେନର ଦୁର୍ଘଟଣା, ବର୍ତ୍ତିଲେ ଡ୍ରାଇଭର


ଦୁର୍ଘଟଣାଗ୍ରସ୍ତ କଣ୍ଟେନର।

**ବସ୍ତା, ୩।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ୬୦ନଂ. ଜାତୀୟ ରାଜପଥର ମଥାନୀଠାରେ ରବିବାର ବିଳମ୍ବିତ ରାତିରେ କଣ୍ଟେନର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଡ୍ରାଇଭର ସହ ରାସ୍ତାକଡ଼ରେ ଥିବା ଦୋକାନୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ରବିବାର ସନ୍ଧ୍ୟାରେ ରାଜପଥ ଉପରେ ଏକ ସାଙ୍ଗରେ ୩ଟି ଗାଡ଼ି ଓଭରଟେକ୍ କରୁଥିବା ବେଳେ ବାମ ପାଖରେ ଥିବା କଣ୍ଟେନର ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଦୋକାନ ଆଡ଼କୁ ମାଡ଼ିଯାଇଥିଲା। ତେବେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଉକ୍ତ ଦୋକାନକୁ ରକ୍ଷା କରିବାକୁ ଯାଇ ଟ୍ରକ୍ ୫୦ଫୁଟ୍ ତଳକୁ ଖସିପଡ଼ିଥିଲା। ତେବେ ୫୦ଫୁଟ୍ ତଳେ ପଡ଼ି ଟ୍ରକ୍ ଭାଙ୍ଗି ଚୁରମାର୍ ହୋଇଥିବା ବେଳେ ଡ୍ରାଇଭର ସୁସ୍ଥ ଥିବା ଜଣାପଡ଼ିଛି। ବସ୍ତା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ସିଡିପିଓଙ୍କ କାର୍ଯ୍ୟାଳୟ ଘେରିଲେ ମହିଳା


ମହିଳାମାନେ ସିଡିପିଓଙ୍କଠାରେ ଅଭିଯୋଗ କରୁଛନ୍ତି।

**ବାଲିଆପାଳ, ୩।୫(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଦାନ୍ତୁଣିଦା ଗ୍ରାମର ମହିଳାମାନେ ଅଙ୍ଗନୱାଡ଼ି କର୍ମୀଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ସୋମବାର ବାଲିଆପାଳ ସିଡିପିଓଙ୍କ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି। ସେମାନେ ସ୍ଥାୟୀ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ସିଡିପିଓ ତନୁଶ୍ରୀ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ପିଲାଙ୍କ ପାଠପଢ଼ା ସହିତ ପିଲାଙ୍କ ଯତ୍ନ ଠିକ୍ ଭାବେ ନିଆଯାଉନାହିଁ। ପିଲାଙ୍କ ଖାଦ୍ୟକୁ ଠିକ୍ ଭାବେ ଖାଇବାକୁ ଦିଆ ନ ଯିବା ସହ ନିୟମିତ ଖାଦ୍ୟ ବଣ୍ଟନ କରାଯାଉନାହିଁ। ଫଳରେ ପିଲାମାନେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହାଛଡ଼ା ସ୍ଥାୟୀ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ନ ହେଲେ ପିଲାମାନଙ୍କ ପାଇଁ ଆସୁଥିବା ଖାଦ୍ୟ ସେମାନେ ନେବେ ନାହିଁ ବୋଲି ରୋକଠୋକ କହିଥିଲେ। ସିଡିପିଓ ତନୁଶ୍ରୀ ମିଶ୍ରଙ୍କ ବୁଝାଶୁଝା ପରେ ମହିଳାମାନେ ନିଜ ଜିଦ୍‌ରୁ ଓହରିଥିଲେ। ସ୍ଥାୟୀ କେନ୍ଦ୍ର ନିର୍ମାଣ ହେବା ଯାଏ ଅଙ୍ଗନୱାଡ଼ି କେନ୍ଦ୍ର ଗ୍ରାମବାସୀଙ୍କ ସିଦ୍ଧାନ୍ତ ଅନୁସାରେ ଅନ୍ୟତ୍ର ଚାଲିବ ଏବଂ ସୁପରଭାଇଜରଙ୍କ ଉପସ୍ଥିତିରେ ପିଲାମାନଙ୍କର ଶୁଖିଲା ଖାଦ୍ୟ ନେବେ ବୋଲି ମହିଳାମାନେ କହିଥିଲେ। ସୁପରଭାଇଜର ଶିକ୍ଷା ରାଣୀ ସାହୁଙ୍କୁ ଉକ୍ତ ସେଣ୍ଟରରେ ଉପସ୍ଥିତ ରହି ଖାଦ୍ୟ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେବା ସହିତ ମିଟିଂ ମାଧ୍ୟମରେ ଅସୁବିଧାକୁ ସୁଧାର କରିବାକୁ ସିଡିପିଓ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ନିୟମ ଅନୁସାରେ କିପରି ଗୃହ ନିର୍ମାଣ ହୋଇପାରିବ ସେଥିପ୍ରତି ଯତ୍ନବାନ୍ ହେବେ ବୋଲି ସିଡିପିଓ ମିଶ୍ର କହିଥିଲେ। ସନ୍ଧ୍ୟାରାଣୀ ରାଉତ, ଚଞ୍ଚଳା ଦଳାଇ, ଗାୟତ୍ରୀ ଦଳାଇ, ଶକୁନ୍ତଳା ଦଳାଇ, ସୁବାସିନୀ ଦଳାଇ, ତାରାମଣୀ ଦଳାଇ, ରୀନା ଦଳାଇଙ୍କ ସମେତ ବହୁ ମହିଳା ଘେରାଉରେ ସାମିଲ ଥିଲେ।

# ଜମିବାଡ଼ିକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ

**କୁଆମରା,୩।୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ପୁରୁଣାବାରିପଦା ଗ୍ରାମରେ ସୋମବାର ପୂର୍ବାହ୍ନରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଦିଲ୍ଲୀପ ପଢ଼ିଆରି। ଦିଲ୍ଲୀପ ତାଙ୍କ ଘର ନିକଟରେ ଛିଡ଼ା ହୋଇଥିବା ବେଳେ ସେହି ଗ୍ରାମର ସୁଶାନ୍ତ ବେହେରା ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ପିଟି ଲହୁଲୁହାଣ କରିଥିଲେ। ଦିଲ୍ଲୀପଙ୍କ ପାଟି ଶୁଣି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ସ୍ଥାନାନ୍ତରିତ କରାଯାଇଛି। ଦିଲ୍ଲୀପଙ୍କ ସ୍ତ୍ରୀ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୩୭/୨୧) ରୁଜୁ କରି ଅଭିଯୁକ୍ତ ସୁଶାନ୍ତଙ୍କୁ ଗିରଫ କରିଛି। ଅନ୍ୟପକ୍ଷେ ସୁଶାନ୍ତଙ୍କ ବାପା କୃପାସିନ୍ଧୁଙ୍କ ଅଭିଯୋଗ କ୍ରମେ ଥାନାରେ ଅନ୍ୟ ଏକ ମାମଲା(ନଂ.୧୩୬/୨୧) ରୁଜୁ ହୋଇଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଏସ୍‌ଆଇ ସୌମ୍ୟ ରଞ୍ଜନ ଭୋଳ କହିଛନ୍ତି।

# ସାପ୍ତାହିକ ହାଟରେ ପଶ୍ଚିମବଙ୍ଗ ଲୋକଙ୍କ ଅବାଧ ଚଳାଚଳ

**ଜଳେଶ୍ୱର, ୩।୫ (ଡି.ଏନ୍.ଏ.)**

୨ ଦିନର ସପ୍ତାହାନ୍ତ ଶଟ୍‌ଡାଉନ ପରେ ସୋମବାର ବାଲେଶ୍ୱର ଜିଲାର ଜଳେଶ୍ୱରସ୍ଥିତ ସାପ୍ତାହିକ ହାଟ ସକାଳ ୭ଟାରେ ଖୋଲିଥିଲା । ଏହି ହାଟକୁ ପଶ୍ଚିମବଙ୍ଗ ଓ ଉତ୍ତର ବାଲେଶ୍ୱରର ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀ, ଜନସାଧାରଣ ଆସିଥାନ୍ତି। ଏହା ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବା ଏବଂ ପଶ୍ଚିମବଙ୍ଗର ନିର୍ବାଚନ ଶେଷ ହୋଇଥିବା ପରିପ୍ରେକ୍ଷୀରେ ପୂର୍ବ ଓ ପଶ୍ଚିମ ମେଦିନୀପୁର ଜିଲାରୁ ବହୁ ଲୋକ ଆସିଥିଲେ । ହାଟ ମଧ୍ୟରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । କାହା ମଧ୍ୟରେ ସାମାଜିକ ଦୂରତା ନ ଥିବା ଦେଖିବାକୁ ମିଳିଥିଲା । ଏପରିକି ବହୁ ଦୋକାନୀ ଓ ଜନସାଧାରଣଙ୍କ ମୁହଁରେ ମାସ୍କ ନ ଥିବା ଦେଖିବାକୁ ମିଳିଥିଲା । ଥାନା ନିକଟରେ ସାପ୍ତାହିକ ହାଟ ଅନୁଷ୍ଠିତ ହେଉଥିବା ବେଳେ ଏଥିପ୍ରତି ପୋଲିସ କିମ୍ବା ପ୍ରଶାସନର କୌଣସି କଟକଣା ନ ଥିଲା। ଏଭଳି ସ୍ଥିତି ନେଇ କେତେଜଣ ସଚେତନ ବ୍ୟକ୍ତି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପ୍ରତିକାର ହୋଇ ନ ଥିଲା। ଜଳେଶ୍ୱରର ବିଭିନ୍ନ ବ୍ୟାଙ୍କରେ ଲମ୍ବାଧାଡି ଲାଗିଥିଲେ ହେଁ ସେଠାରେ ସାମାଜିକ ଦୂରତା ନ ଥିବା ଦେଖିବାକୁ ମିଳିଛି । ଆଉ ଗୋଟିଏ ଦିନ ପରେ ଲକ୍‌ଡାଉନ୍ ଆରମ୍ଭ ହେଉଥିବାରୁ ଜଳେଶ୍ୱର ସାପ୍ତାହିକ ହାଟରେ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଥିଲା ।


ବ୍ୟାଙ୍କ ଆଗରେ ଗ୍ରାହକଙ୍କ ଲମ୍ବା ଧାଡ଼ି।

# ୧୦ରେ ପୁଣି ରେଳରୋକୋ

**ରୂପ୍‌ସା, ୩।୫(ଡି.ଏନ.ଏ.)**

### ସୁଧୁରୁନି ହଳଦୀପଦା ଷ୍ଟେଶନ ସମସ୍ୟା

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ହଳଦୀପଦା ରେଳଷ୍ଟେଶନ ସମସ୍ୟା ସମାଧାନ ହେଉନାହିଁ। ଦାବି ପୂରଣ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଅଣଦେଖା କରୁଥିବାରୁ ସାଧାରଣରେ ଅସନ୍ତୋଷ ଲାଗି ରହିଛି। ପ୍ରତିବାଦରେ ଆସନ୍ତା ୧୦ତାରିଖରେ ହଳଦୀପଦା ପ୍ରଗତି ମଞ୍ଚ ପକ୍ଷରୁ ପୁଣି ରେଳରୋକୋ ଆନ୍ଦୋଳନ ଡାକରା ଦିଆଯାଇଛି।

ଏହି ଷ୍ଟେଶନରେ ପୂର୍ବଭଳି ବାଙ୍ଗିରିପୋଷି ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନ୍ ରହଣି କରିବା, ରିଜର୍ଭେଶନ କାଉଣ୍ଟର ଖୋଲାଯିବା, ନିଧିପଣ୍ଡା ପୋଲ ଉପରେ ବ୍ରିଜ ନିର୍ମାଣ, ଷ୍ଟେଶନରେ ଏଟିଏମ୍, ପାନୀୟଜଳ ଓ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଆଦି ୧୦ଦଫା ଦାବି ପୂରଣ ପାଇଁ ବାରମ୍ବାର ପ୍ରଗତି ମଞ୍ଚ ପକ୍ଷରୁ ରେଳବିଭାଗ ଓ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ଫେବୃୟାରୀ ୧୫ରେ ୪ଘଣ୍ଟା ରେଳରୋକୋ ଆନ୍ଦୋଳନ ହୋଇଥିଲା। ବିଭାଗୀୟ ଅଧିକାରୀ, ଜିଲା ପ୍ରଶାସନ ଓ ମଞ୍ଚର କର୍ମକର୍ତ୍ତାଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଦାବି ପୂରଣ ଦିଗରେ ପ୍ରତିଶ୍ରୁତି ମିଳିବା ପରେ ରେଳରୋକୋ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ପ୍ରତିଶ୍ରୁତି ମୁତାବକ ବିଭାଗୀୟ ପଦକ୍ଷେପ ନିଆ ନ ଯିବାରୁ ପୁଣି ଗତ ଏପ୍ରିଲ ୫ତାରିଖରେ ରେଳରୋକୋ ଡାକରା ଦିଆଯାଇଥିଲା। ମାତ୍ର ପ୍ରଶାସନିକ ଆଲୋଚନା ଓ ଅନୁରୋଧକୁ ରକ୍ଷା କରି ପ୍ରଗତି ମଞ୍ଚ ପକ୍ଷରୁ ରେଳରୋକୋ ସ୍ଥଗିତ ରଖାଯାଇଥିଲା। ଏଯାବତ୍ ଷ୍ଟେଶନ ସମସ୍ୟା ସୁଧୁରୁ ନ ଥିବାରୁ ମେ' ୧୦ରେ ପୁଣି ରେଳରୋକୋ ହେବ ବୋଲି ମଞ୍ଚର ସଭାପତି ରବୀନ୍ଦ୍ର ନାଥ ମହାନ୍ତି, ଉପସଭାପତି ବୃହସ୍ପତି ଦାସ, ବରିଷ୍ଠ କର୍ମକର୍ତ୍ତା, ରାଧାକୃଷ୍ଣ ଜେନା, ଚୈତନ ପ୍ରସାଦ ସାହୁ, ସନ୍ୟାସୀ ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏନେଇ ଡିଆର୍‌ଏମ୍, ବିଧାୟକ, ଜିଲାପାଳ ପ୍ରମୁଖଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି।

# ପୂର୍ବତନ ବିଧାୟକଙ୍କ ଆରୋଗ୍ୟ ପାଇଁ ଦୀପଦାନ

**ବାସୁଦେବପୁର, ୩।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁରର ପୂର୍ବତନ ବିଧାୟକ ବିଜୟଶ୍ରୀ ରାଉତରାୟ କରୋନା ଆକ୍ରାନ୍ତ ଥିବା ଜଣାପଡ଼ିବା ପରେ ଆଶୁ ଆରୋଗ୍ୟ କାମନା କରି ବିଜେଡି ପକ୍ଷରୁ ସୋମବାର ପୂର୍ବାହ୍ନରେ ଗୁଡ଼ ବଳଦେବ ଜୀଉଙ୍କ ମନ୍ଦିରରେ ଦୀପଦାନ କରାଯାଇଛି। ବଳଦେବ ଜୀଉଙ୍କ ଉପରେ ତୁଳସୀ ଚଢ଼ାଯିବା ସହ ପୂଜାର୍ଚ୍ଚନା କରାଯାଇଛି। ବିଧାୟକଙ୍କ ପ୍ରତିନିଧି ଅସିତ୍ ଦାସ, ବିଜେଡି ବ୍ଲକ ସଭାପତି ଦୀନବନ୍ଧୁ ଦାସ, ନଗର ସଭାପତି ଶ୍ୟାମସୁନ୍ଦର ମହାନ୍ତି, ନଗର ଯୁବ ସଭାପତି ମାନସ ସାହୁ, ସରପଞ୍ଚ ଯଦୁନାଥ ନାୟକ, ପ୍ରଫୁଲ୍ଲ ପଳିତା, ସମିତିସଭ୍ୟ ରତିକାନ୍ତ ବାରିକ, ଯୁବନେତା କାଳନ୍ଦୀ ସାହୁ, ସମ୍ବିତ ମହାନ୍ତି, ପୂର୍ବତନ ସରପଞ୍ଚ ବାସନ୍ତୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ସମୂହ ଦୀପଦାନ କରାଯାଉଛି।

# ରୁଗୁଡିସାହିବାସୀଙ୍କ ଭରସା ଚୁଆପାଣି

**ତେଲକୋଇ, ୩।୫(ଡି.ଏନ.ଏ.)**

ଗ୍ରୀଷ୍ମ ପ୍ରବାହ ବୃଦ୍ଧି ସାଙ୍ଗକୁ ପାନୀୟ ଜଳ ସମସ୍ୟା ଏବେ ଅଞ୍ଚଳରେ ଉତ୍କଟ ହେବାରେ ଲାଗିଛି। ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପ୍ରହସନରେ ପରିଣତ ହୋଇଥିବା ବେଳେ ଅଧିକାଂଶ ନଳକୂପ ଅଚଳ ହୋଇପଡ଼ିଛି। କରମଙ୍ଗୀ ପଞ୍ଚାୟତ ସିନ୍ଦୁରିଆ ରୁଗୁଡି ସାହି ବାସିନ୍ଦା ବର୍ଷ ତମାମ ଚୁଆ ପାଣି ଉପରେ ନିର୍ଭର କରୁଛନ୍ତି। ନିଜ ଉଦ୍ୟମରେ ଚୁଆ ନିର୍ମାଣ କରି ପାନୀୟଜଳ ଓ ଗୃହପାଳିତ ପ୍ରାଣୀ, ପକ୍ଷୀଙ୍କ ସମସ୍ୟାକୁ ସହାୟତା କରିବାରେ ଲାଗିଛନ୍ତି। ଉକ୍ତ ବସ୍ତିରେ ସମସ୍ତ ଲୋକେ ଆଦିବାସୀ ହୋଇଥିବା ବେଳେ ୩୦ ପରିବାରର ୧୨୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ପାନୀୟ ଜଳ ପାଇଁ ବାରମ୍ବାର ସରପଞ୍ଚଙ୍କୁ ଗୁହାରି କରି ବିଫଳ ହୋଇଥିବା ଗ୍ରାମର ମୁକୁନ୍ଦ ନାୟକ ପ୍ରକାଶ କରିଛନ୍ତି। ସେହିପରି ସଦା ନାଏକ ଉକ୍ତ ଚୁଆକୁ ଗ୍ରାମବାସୀଙ୍କ ଦ୍ୱାରା ତିଆରି କରି ବର୍ଷ ତମାମ ଉକ୍ତ ପାଣି ଉପରେ ସମସ୍ତେ ନିର୍ଭର କରୁଥିବା କହିଛନ୍ତି। ଗ୍ରାମରେ ଏକ ମାତ୍ର ନଳକୂପ ଅଚଳ ହୋଇ ପଡିରହିଛି। ଏ ସମ୍ପର୍କରେ ବିଡିଓ ଦିଲୀପ କୁମାର ବାରାଙ୍କୁ ପଚାରିବାରୁ ପାହାଡି ଅଞ୍ଚଳ ହୋଇଥିବା ଯୋଗୁ ଉକ୍ତ ବସ୍ତିରେ ଡଗୱେଲ କରାଯିବ। ଏ ନେଇ ଜଳ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।


ଚୁଆ ପାଣିକୁ ଲୋକେ ବ୍ୟବହାର କରୁଛନ୍ତି।

